# ମୁନ୍ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ



**ଶବ ଧରି ଧାରଣାରେ ବସିଲେ ପରିବାର ଓ ସମ୍ପର୍କୀୟ**

ବ୍ରହ୍ମପୁର,୨୧।୧୨(ସମିସ): ନୂଆ ବସ୍‌ଷ୍ଟାଣ୍ଡ-ଗେଟବଜାର ମଧ୍ୟଭାଗରେ ଥିବା 'ଦି ମୁନ୍' ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ ହୋଇଛି। ଏନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ଶବ ଧରି ମୁନ୍ ହସ୍ପିଟାଲ ଆଗରେ ଧାରଣା ଦେଇଛନ୍ତି। ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି।

ପ୍ରକାଶ ଯେ, ଜରଡ଼ା ଥାନା ତୁମ୍ବାଗଡ଼ ଗ୍ରାମର ବିଜୟ ପ୍ରଧାନ (୩୦) ଗତ ଦୁଇଦିନ ପୂର୍ବେ ଦୁର୍ଘଟଣାରେ ଆହତ ହୋଇଥିଲେ। ତୁମ୍ବା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ସେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସିଥିଲେ। ଏଠାରେ ଜଣେ ବ୍ୟକ୍ତି ମୁନ୍ ହସ୍ପିଟାଲର କର୍ମଚାରୀ ଦର୍ଶାଇ ତାଙ୍କୁ ଉକ୍ତ ହସ୍ପିଟାଲ୍‌କୁ ନେଇଥିଲେ। ସେଠାରେ ଶନିବାର ରାତିରେ ତାଙ୍କ ଅସ୍ତ୍ରୋପଚାର ପାଇଁ କୁହାଗଲା। ରାତିରେ ଅସ୍ତ୍ରୋପଚାର ମଧ୍ୟ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହେଲା। ନିଶା ଦେବା ପରେ ଡ଼ାକ୍ତର ଅସ୍ତ୍ରୋପଚାର କଲା ବେଳକୁ ତାଙ୍କ ଦେହ ଗୁରୁତର ହୋଇଥିବା ପରିବାରବର୍ଗ କହିଛନ୍ତି। ଏହି ସମୟରେ ମେଡ଼ିକାଲ କର୍ତ୍ତୃପକ୍ଷ ସେଠାରେ ତାଙ୍କର ଚିକିତ୍ସା କରିବା ପରିବର୍ତ୍ତେ ନିଜେ ଏକ ଆମ୍ବୁଲାନ୍ସ କରାଇ ପୁନଃ ବଡ଼ ମେଡ଼ିକାଲ ଆଣିଥିଲେ। ଏଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୁନ୍ ହସ୍ପିଟାଲରେ ଭୁଲ୍ ନିଶ୍ଚେତକ (ଆନାସ୍ଥେସିଆ) ଯୋଗୁ ବିଜୟଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଅପରେସନ ବେଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ମେଡ଼ିକାଲ କର୍ତ୍ତୃପକ୍ଷ ତରବରିଆ ଭାବେ ତାଙ୍କ ସମ୍ପର୍କୀୟଙ୍କଠାରୁ ଜୋରଜବରଦସ୍ତ ଦସ୍ତଖତ ନେଇଥିବା ପରିବାରବର୍ଗ କହିଛନ୍ତି। ତେବେ ମୃତ ବିଜୟଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଓ ସମ୍ପର୍କୀୟ ମୁନ୍ ହସ୍ପିଟାଲ ପାଖକୁ ଆଣି ଧାରଣାରେ ବସିଛନ୍ତି। ଖବର ଲେଖିବା ବେଳକୁ ହସ୍ପିଟାଲ ଆଗରେ ପ୍ରବଳ ଗହଳି ସହ ହୋହଲ୍ଲା ଦେଉଥିବା ଦେଖିବାକୁ ମିଳିଥିଲା। ଲୋକଲଜ୍ୟାରେ ମୁନ୍ ହସ୍ପିଟାଲ କର୍ତ୍ତୃପକ୍ଷ ଗ୍ରୀଲ୍‌ରେ ତାଲା ପକାଇ ଦେଇଥିଲେ। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ମୁନ ହସ୍ପିଟାଲ କର୍ତ୍ତୃପକ୍ଷ ଡ଼ାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଧାରଣରେ ମୃତକଙ୍କ ପରିବାର ସଦସ୍ୟ ସମେତ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ମୀନା ଦ୍ୟାନସାମନ୍ତରା ମଧ୍ୟ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଦରମା ବୃଦ୍ଧି କଟା ଘା'ରେ ଚୂନ



ବ୍ରହ୍ମପୁର,୨୧।୧୨(ସମିସ): ନାଗରିକ ବିଚାର ମଂଚ ପକ୍ଷରୁ ବିଧାୟକମାନଙ୍କ ଦରମା ବୃଦ୍ଧି କେତେ ଦୂର ଯଥାର୍ଥ ବିଷୟକୁ ନେଇ ଏକ ଆଲୋଚନା ଚକ୍ର ଗେଟ ବଜାରସ୍ଥିତ ଏନଜିଓ ହଲରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ, କୃଷକ, ଛାତ୍ର, ଯୁବକ, ମହିଳାମାନେ ଅଧିକାର ପାଇଁ ଶୀତ କାକରରେ ସଂଘର୍ଷ କରୁଥିବାବେଳେ ସମସ୍ତଙ୍କ ଦାବିକୁ ଉପେକ୍ଷା କରି ବିଧାନସଭା ଶୀତକାଳିନ ଅଧିବେଶନର ଶେଷ ଦିନରେ ସର୍ବସମ୍ମତ ଭାବେ ରାଜ୍ୟର ବିଧାୟକ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦରମାକୁ ପ୍ରାୟ ତିନିଗୁଣକୁ ବୃଦ୍ଧି କରାଯାଇଛି। ଅର୍ଥ ଅଭାବର ଆଳ ଦେଖାଇ ଓଡିଶା ପରି ଏକ ଗରିବ ରାଜ୍ୟର ଅଧିକାଂଶ ଜନତାଙ୍କୁ ସରକାର ବିଭିନ୍ନ ମୂଳଭୂତ ସୁବିଧା ଯୋଗାଇବାରେ ବିଫଳ ହେଉଥିବା ବେଳେ ରାଜ୍ୟର ଲୋକ ପ୍ରତିନିଧିମାନେ ଏତେ ପରିମାଣର ଦରମା ଓ ଭତ୍ତା ନେବା ପରିତାପର ବିଷୟ। ସହରର ବୁଦ୍ଧିଜୀବୀ ଓ ସାମାଜିକ ତଥା ରାଜନୈତିକ କର୍ମୀମାନଙ୍କୁ ନେଇ ଗଠିତ ହୋଇଥିବା ନାଗରିକ ବିଚାର ମଂଚ ପକ୍ଷରୁ ଏହି ଆଲୋଚନା ଚକ୍ରରେ ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ସଭାପତିତ୍ୱ କରିଥିଲେ। ସ୍ତମ୍ଭକାର ତଥା ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ ୧୦୭ କୋଟିପତି ବିଧାୟକ ନିଜ ଦରମା ବୃଦ୍ଧି କରି ଓଡ଼ିଶା ବାସୀଙ୍କ କଟା ଘା'ରେ ଚୂନ ଦେଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ସାହୁ, ନିମାଇଁ ଚରଣ ସାହୁ, ନାନ୍ଦେଶୁ ସେନାପତି, ଆଦିତ୍ୟ ରଥ, ଲିଙ୍ଗରାଜ ସ୍ୱାଇଁ, ଅଶୋକ ଦଳେଇ, ପପୁନ ସାହୁ, କିସାନ୍ କୁମାର ସାହୁ ଆଦି ବକ୍ତବ୍ୟ ରଖିଥିଲେ।

■ ନାଗରିକ କମିଟିର ପ୍ରସ୍ତୁତି ବୈଠକ

# ଘରବାରି ପଟ୍ଟା ଦାବିରେ ଆଲୋଚନା



ଆସିକା,୨୧।୧୨(ସମିସ)

ଆସିକା ନାଗରିକ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର ପରିସରରେ ଛବିଳରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସିକା ସହରର ସାତଟି ମୌଜା ବାସିନ୍ଦା ଉପସ୍ଥିତ ଥିଲେ। ଘର ଓ ଚାଷ ଜମିର ପଟ୍ଟା ଆଜି ପର୍ଯ୍ୟନ୍ତ ସରକାର ଯୋଗାଇ ଦେଇନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବାରମ୍ବାର ସରକାରଙ୍କୁ ଆସିକାବାସୀ ଦୃଷ୍ଟି ଆର୍କଷଣ କରି ଆସୁଛନ୍ତି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ସର୍ଭେ ଓ ସେଟେଲମେଣ୍ଟ ଓ ସତ୍ତ୍ୱାଧିକାର ଦଲିଲ୍ ପ୍ରଦାନ ପାଇଁ ବାରମ୍ବାର ଘୋଷଣା ନାମା କରି ଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏଥିପାଇଁ ଉଦାସୀନତା ଯୋଗୁ ଗଣ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରେସ କ୍ଲବ ସଭାପତି ସତ୍ୟନାରାୟଣ ରଥ, ଅମଲା ସଂଘନେତା ପ୍ରସନ୍ନ କୁମାର ତ୍ରିପାଠୀ, ଗଞ୍ଜାମ ଜିଲ୍ଲା ଘରୋଇ ବସ ସଂଘର ନେତା ସନ୍ତୋଷ କୁମାର ପୋଲାଇଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଆସନ୍ତା ବୁଧବାର ୨୪ ତାରିଖ ଦିନ ନିର୍ଦ୍ଧାରିତ ସ୍ଥଳ ଲାଲାଗୋର୍ଜି ହନୁମାନ ମନ୍ଦିର ଠାରେ ଆସିକା ସହରବାସୀ ଉପସ୍ଥିତ ହୋଇ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବା ପାଇଁ ସଭାରୁ ସମସ୍ତ ସଦସ୍ୟ ଅନୁରୋଧ କରିଛନ୍ତି। ଉକ୍ତ ସଭାରେ ଆଇନଜୀବୀ ଅନିଲ କୁମାର ପାଣିଗ୍ରାହୀ, ଭାଗିରଥି ଷଡଙ୍ଗୀ, ଗଙ୍ଗାଧର ଶତପଥୀ, ଶକ୍ତି ପ୍ରସାଦ କରଙ୍କ ସମେତ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ସଂଘବଦ୍ଧ ଆକ୍ରମଣ ମାମଲା: ୫ ଗିରଫ, ୨ ଖଣ୍ଡା ଜବତ

ବ୍ରହ୍ମପୁର,୨୧।୧୨(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସଦର ଥାନା ଅନ୍ତର୍ଗତ ରତନପୁର ହରିଜନ ସାହିର ଲକି ଦାସ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ମାମଲାରେ ପୁଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଉଖତ ଗ୍ରାମର ଆର୍. ଶିବରାମ ଓରଫ ଅରୂପ(୨୩), ହିଞ୍ଜିଳିକାଟୁ ପାଟନାସାହିର ଶୁଭମ କୁମାର ଦାସ ଓରଫ ସିପୁ(୧୯), କୃପାସିନ୍ଧୁପୁର ଗ୍ରାମର ଭଗବାନ ଦାସ(୨୦), ଯଦୁନାଥପଲ୍ଲୀର ପପୁ ଦାସ ଓରଫ କାଳିଆ(୧୯)। ଘଟଣାରେ ପୁଲିସ ଅନ୍ୟଜଣେ ୧୭ବର୍ଷୀୟ ନାବାଳକଙ୍କୁ କାବୁ କରିଥିବା ଜଣାପଡିଛି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୨ଟି ଖଣ୍ଡା ଜବତ କରିଛି।

ସୂଚନା ପ୍ରକାରେ, ଗତ ୧୭ ତାରିଖରେ ସଦର ଥାନା ଅନ୍ତର୍ଗତ ଯଦୁନାଥ ପଲ୍ଲୀର ଅଭିଯୁକ୍ତ ପପୁ ଦାସ ସନ୍ଧ୍ୟାରେ ନିଜ ଗାଁ ନିକଟସ୍ଥ କେନାଲ ରୋଡକୁ ଶୌଚ ପାଇଁ ଯାଇଥିବାବେଳେ ୪ଜଣ ଯୁବକ ତାଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। କିଛି ସମୟପରେ ସେହି କେନାଲ ରୋଡ୍ ଦେଇ ଏକ ବାଇକରେ ଅଭିଯୁକ୍ତ ଆର୍. ଶିବରାମ ଆସିବା ଦେଖି ପପୁ ତାଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଆକ୍ରମଣ ପଛରେ ରତନପୁର ଗ୍ରାମର ଲକି ଦାସ ଓ ତାଙ୍କ ସହଯୋଗୀଙ୍କ ସଂପୃକ୍ତି ଥିବା ପପୁ ସନ୍ଦେହ କରିଥିଲେ। ଏହାପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଶିବରାମ ଓ ପପୁ ଯୋଜନା କରିଥିଲେ। ଘଟଣା ପରଦିନ ସକାଳୁ ଲକି ଦାସ କୁକୁଡାଖଣ୍ଡିର ଇନ୍ଦିରା ଆବାସ କଲୋନୀ ଅଞ୍ଚଳକୁ ଯାଉଥିବା ସୂଚନା ପାଇ ଅଭିଯୁକ୍ତ ଶିବରାମ, ପପୁ, ସିପୁ, ଭଗବାନ ଓ କାଳିଆଙ୍କ ସହ ଜନୈକ ନାବାଳକ ଜଣକ ୨ଟି ବାଇକରେ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଲକିକୁ ଦେଖି ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଲକି ଦାସ ଗୁରୁତର ହେବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଲକି ଦାସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆକ୍ରମଣ ଘଟଣାକୁ ନେଇ ଲକିଙ୍କ ମା' ସାବିତ୍ରୀ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୫୪୬/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଉପରୋକ୍ତ ୪ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିବା ବେଳେ ସଂପୃକ୍ତ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## ଏମ୍‌କେସିଜି ପିଜି ହଷ୍ଟେଲ ମରାମତି କାର୍ଯ୍ୟରେ ଅର୍ଥ ଆତ୍ମସାତ ଅଭିଯୋଗ | ତଦନ୍ତ ପାଇଁ ଡିନ୍‌ଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର,୨୧।୧୨(ସମିସ): ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ପିଜି ଡାକ୍ତରଙ୍କ ହଷ୍ଟେଲରେ ୨୦୨୪-୨୫ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏମକେସିଜି ମେଡିକାଲ କଲେଜର କନିଷ୍ଠ ଡାକ୍ତର ସଂଘର ୨୦୨୪-୨୫ କାର୍ଯ୍ୟକାଳ ସମୟରେ ପିଜି ହଷ୍ଟେଲରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ହଷ୍ଟେଲ ପାଣ୍ଠି, ଛାତ୍ର କଲ୍ୟାଣ ପାଣ୍ଠିକୁ ବିଭିନ୍ନ ବାଟରେ ଖର୍ଚ୍ଚ କରାଯାଇ ହଷ୍ଟେଲର କିଛି କୋଠରୀ ମରାମତି ହୋଇଥିବା ବେଳେ ଶୀତତାପ ନିୟନ୍ତ୍ରକ ଯନ୍ତ୍ର ଓ ଲାଇଟ ଭଳି ବିଭିନ୍ନ ସାମଗ୍ରୀ ସ୍ଥାପନ କରାଯାଇଥିଲା। କନିଷ୍ଠ ଡାକ୍ତର ସଂଘର କର୍ମକର୍ତ୍ତାଙ୍କ ପରାମର୍ଶରେ ଏମକେସିଜି ମେଡିକାଲ ପରିସରରେ ଥିବା ବିଭିନ୍ନ ସରକାରୀ ଏଜେନ୍ସି ଆରଋ ଆଣ୍ଡ ବି ଏବଂ ଜିଇଡି ଦ୍ୱାରା ଏହି ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା। ହେଲେ ଏହିସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ଅର୍ଥ ଆତ୍ମସାତ ହୋଇଥିବା ନେଇ ଗତମାସ ୨୮ ତାରିଖରେ ଏମକେସିଜି ଡିନ ତଥା ଅଧ୍ୟକ୍ଷାଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ସେହି ଅଭିଯୋଗ ପ୍ରକାରେ ଘଟଣାର ତଦନ୍ତ ପାଇଁ ଏମକେସିଜିର ଡିନ ତଥା ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୩ ତାରିଖରେ ଏମ୍‌କେସିଜିର ରେଜିଷ୍ଟ୍ରାରଙ୍କ ପ୍ରକୋଷ୍ଠରେ ତଦନ୍ତ କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା ଲୁଟ୍

ବ୍ରହ୍ମପୁର,୨୧।୧୨(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ପୁଲିସ କଲୋନୀ ନିକଟରେ ଥିବା ଗଜାନନ ବିହାର ଦ୍ୱିତୀୟ ଲାଇନ୍‌ରେ ଥିବା ଏକ ତାଲାବନ୍ଦ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସୂଚନା ପ୍ରକାରେ, ଆମ୍ବପୁଆ ସ୍ଥିତ ପୁଲିସ କଲୋନୀ ନିକଟସ୍ଥ ଗଜାନନ ବିହାର ଦ୍ୱିତୀୟ ଲାଇନ ନିବାସୀ ଯଜ୍ଞଦତ୍ତ ପଣ୍ଡା ଶନିବାର କୌଣସି କାମରେ ବାହାରକୁ ଯାଇଥିଲେ। ରବିବାର ପୂର୍ବାହ୍ନରେ ଘରକୁ ଫେରି ଦେଖିବା ବେଳକୁ ବାଡ଼ିପଟ ରୁମ୍‌ର ଝରକା କଟା ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଝରକା କାଟି ଘରେ ପଶି ୩ଟି ଲାପଟପ, ଗୋଟିଏ ଟାବ୍, ୨ଟି ସୁନା ମୁଦି, ୨ହଳ କାନଫୁଲ, ୩ ହଳ ରୁପା ପାଉଁଜି, ନଗଦ ପ୍ରାୟ ୧୫ହଜାର ଟଙ୍କା ଚୋରି କରି ନେଇଥିବା ସେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା (ନଂ.୪୩୮/୨୫) ରୁଜୁ କରି ତଦନ୍ତ କରୁଛି।

# ରାମନଗରରେ ଅଣ୍ଡର୍ ପାସ୍ ନିର୍ମାଣ ଦାବି

ବ୍ରହ୍ମପୁର,୨୧।୧୨(ସମିସ): ବ୍ରହ୍ମପୁର ରେଳଷ୍ଟେସନ ନିକଟସ୍ଥ ଲାଞ୍ଜିପଲ୍ଲୀ-ରାମନଗର ଠାରେ ଥିବା ରେଳଫାଟକ ଏକ ବ୍ୟସ୍ତବହୁଳ ସ୍ଥାନ। ଏଠାରେ ୨୪ ଘଣ୍ଟାରେ ପ୍ରତି ୭ରୁ ୧୦ମିନଟରେ ଗୋଟିଏ ଟ୍ରେନ୍ ଯାତାୟତ ଯୋଗୁ ପ୍ରାୟ ୧୦ରୁ ୧୫ମିନଟ୍ ଫାଟକ ବନ୍ଦ ରହୁଛି। ବହୁ ସମୟରେ ୨ଟି ଟ୍ରେନ ୫ ମିନିଟ୍ ବ୍ୟବଧାନରେ ଯିବାଆସିବା କଲେ ଗେଟ୍‌କୁ ୨୦ ମିନଟ୍ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ପଡୁଛି। ଫଳରେ ସ୍ଥାନୀୟ ଜନସାଧାରଣଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କେନ୍ଦ୍ର ସରକାରଙ୍କ ରେଳବିଭାଗ ପକ୍ଷରୁ ଖୋଡ଼ାସିଙ୍ଗି-ଅଂକୁଲି ଗ୍ରାମ ରେଳଧାରଣା ପାର ହେବାକୁ ଜୀବନ ବୀମା କାର୍ଯ୍ୟାଳୟ ପଛପଟେ ରେଳଧାରଣା ତଳେ ଗଳାଶଙ୍ଖ (ଅଣ୍ଡର ପାସ୍) ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଆଶ୍ୱସ୍ତି ଲାଭ କରିଛନ୍ତି। ଅନୁରୂପ ଭାବେ ଲାଞ୍ଜିପଲ୍ଲୀ-ରାମନଗର ରେଳଫାଟକ ତଳେ ଏକ ଅଣ୍ଡର ପାସ୍ ନିର୍ମାଣ ନେଇ କେନ୍ଦ୍ର ରେଳବିଭାଗକୁ ଚିଠି ଲେଖି ପ୍ରସ୍ତାବ ପାରିତ କରିବାକୁ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ସାଂସଦଙ୍କ ନିକଟରେ ଦାବି ଜଣାଇଛନ୍ତି।

# ଶ୍ୱେତପଦ୍ମା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୨୧।୧୨(ସମିସ): ଶ୍ୱେତପଦ୍ମା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ସାରସ୍ୱତ ମିଶଳ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଉତ୍ସବକୁ ଉଦଘାଟନ କରିଥିଲେ। ବିଜେବି କଲେଜର ପ୍ରଫେସର ଡ. କାହ୍ନୁଚରଣ ପାଢ଼ୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ସଜୟ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଏବଂ ଉମାକାନ୍ତ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡ. ରୋଜାଲିନି ସେନାପତି, ଡ. ଲକ୍ଷ୍ମୀନାରାୟଣ ଦାଶ, ଡ. ସୁମିତା ବେହେରା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରତିଷ୍ଠାତା ସଭାପତି କବି ଆଇନଜୀବୀ ବିଜୟ ଚନ୍ଦ୍ର ମିଶ୍ର ସାହିତ୍ୟ ଆଲୋଚନା ଆସରର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଏ ଅବସରରେ ସଂସଦର ମୁଖପତ୍ର "ସୁମନା ଶ୍ୱେତପଦ୍ମା" ଉନ୍ମୋଚନ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ ଡ. ସିମାଞ୍ଚଳ ପ୍ରଧାନଙ୍କ କବିତା ସୁରଭି, ଡ. ସୁମିତା ବେହେରାଙ୍କ ତୁମେ ଛୁଇଁଦେଲା ପରେ, ଶୈଳେନ୍ଦ୍ର ନାରାୟଣ ବେହେରାଙ୍କ ପୁନଶ୍ଚ, ଡ. ବୃଷକେତୁ ଦାଶଙ୍କ ପୁସ୍ତକ ଗୀତା ଲୋକାର୍ପଣ ହୋଇଯାଇଛି। ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କବିତା ପାଠ ଆସରରେ ବହୁ ସଂଖ୍ୟକ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ଉପଦେଷ୍ଟା ଡ. ଶ୍ୟାମାପ୍ରସାଦ ମିଶ୍ର କବିତା ଆସରର ସଭାପତିତ୍ୱ କରିଥିଲେ।

# ସ୍ୱର୍ଗତ ରଘୁନାଥ ମିଶ୍ରଙ୍କ ଜୟନ୍ତୀ ପାଳିତ



ବ୍ରହ୍ମପୁର,୨୧।୧୨(ସମିସ): ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ୯୮ତମ ଜନ୍ମଜୟନ୍ତୀ ଅବସରରେ ନାଟ୍ୟଶ୍ରୀ ଫାଉଣ୍ଡେସନ ତରଫରୁ ମେଜର ରମା ରମଣ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ଡ଼. ବିଧୁପ୍ରଭା ରଥ ମୁଖ୍ୟ ଆଲୋଚକ ଏବଂ ନାଟ୍ୟକାର ବିପିନ ମହାପାତ୍ର, ରମେଶ ମହାରଣା, ରବିନାରାୟଣ ବେହେରା, ଲିଙ୍ଗରାଜ ନାହାକ, ଅମୂଲ୍ୟ ଅନମୋଲ, ପ୍ରଦୀପ ଶତପଥୀ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଟୁଟୁପାଢ଼ୀ, ଗୋକୁଳ ପଣ୍ଡା, ତ୍ରିପତି ନାୟକ, ସୁବାସ ମହାରଣା, କୃଷ୍ଣଚନ୍ଦ୍ର ପଣ୍ଡା, ଡ଼. ମିହୀର ତ୍ରିପାଠୀ,ଟି. ଆପାରାଓ,ଆରତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନାଟ୍ୟଶ୍ରୀ ଫାଉଣ୍ଡେସନ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଉଦଘାଟନ କରିଥିଲେ। ମଞ୍ଚରେ ପୂର୍ବତନ ଛତ୍ରପୁର ବିଧାୟକ ନାରାୟଣ ରେଡ୍ଡୀ, ସାହିତ୍ୟିକ ଇଂ.ଯାମିନି କାନ୍ତ ଦାସ, ଗଞ୍ଜାମ କଳା ପରିଷଦର ସମ୍ପାଦକ ଇଂ.ଅପୂର୍ବ ପଟ୍ଟନାୟକ ଏବଂ ବ୍ରହ୍ମପୁର କଳାକାର ଏକତା ମଂଚର ସଭାପତି ଅନିଲ ପାତ୍ର ପ୍ରମୁଖ ନାଟ୍ୟଶ୍ରୀଙ୍କ କାଳଜୟୀ କୃତୀ ନାଟ୍ୟଜଗତ ପାଇଁ ଆଦର୍ଶ ବୋଲି କହିଥିଲେ। ନାଟ୍ୟଶ୍ରୀ ଫାଉଣ୍ଡେସନର ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଚଳିତ ବର୍ଷ ଅଭିନେତା ଓ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ରାମଚନ୍ଦ୍ର ସାସମଲ ଓ ସତ୍ୟବ୍ରତ ଦାସଙ୍କୁ ନାଟ୍ୟଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବଳରାମ ମହାପାତ୍ର, ଚିତ୍ତରଞ୍ଜନ ଦଳାଇ ଓ ସନ୍ତୋଷ ରଣାଙ୍କୁ ନାଟ୍ୟଶ୍ରୀ ମଞ୍ଚମଣିଷ ସମ୍ମାନ ଦିଆଯାଇଥିଲା। ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ତରଫରୁ ନାଟକ"ବଧୂ ବିଦାୟ" ମଂଚସ୍ଥ ହୋଇ ଦର୍ଶକଙ୍କୁ ଆନ୍ଦୋଳିତ କରିଥିଲା। କଳାଞ୍ଜଳି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରାମେଶ୍ୱରୀ ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଅମୂଲ୍ୟ ଅନମୋଲ ସଂଯୋଜନା କରିଥିଲେ।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୨୧।୧୨(ସମିସ): ଦିଗପହଣ୍ଡି ଥାନା ଝାଟିପିଟିଆ ଗ୍ରାମ ହରିଜନ ସାହି ନିକଟ ମୁଖ୍ୟରାସ୍ତାରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବ୍ରହ୍ମପୁର ସଦର ଥାନା ବାଇଗଣବାଡ଼ି ଗାଁର ଅମର ଦାସ(୨୬)। ରବିବାର ସକାଳେ ଦିଗପହଣ୍ଡି ଥାନା ମାମଲା ନଂ.୪୭୬/୨୫ ଅନୁଯାୟୀ ତଦନ୍ତକାରୀ ଅଧିକାରୀ ଏଏସଆଇ କହ୍ନେଇ ମିର୍ଦ୍ଧା ବ୍ରହ୍ମପୁର ବଡ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି। ଶନିବାର ସନ୍ଧ୍ୟାରେ ଅମର ତାଙ୍କ ଶ୍ୱଶୁର ଘର କେ.ନୂଆଗାଁ ଥାନା ଚାନ୍ଦପୁର ଗ୍ରାମରୁ ସମ୍ପର୍କୀୟ ପ୍ରଶାନ୍ତ ଦାସ(୩୭)ଙ୍କ ସହ ବାଇକ୍‌ନଂ. (ଓଡି୦୭ଭି ୬୨୪୪) ଯୋଗେ ଗାଁକୁ ଫେରୁଥିବା ବେଳେ ଏକ ଗାଡ଼ି ତାଙ୍କ ବାଇକକୁ ଧକ୍କା ଦେଇ ଦ୍ରୁତଗତିରେ ଚମ୍ପଟ ମାରିଥିଲା। ରାସ୍ତାକଡରେ ଛିଟକି ପଡ଼ିଥିବା ଆହତ ଦ୍ୱୟଙ୍କୁ ସ୍ଥାନୀୟ କିଛି ବ୍ୟକ୍ତି ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ରହିଥିବା ଯୋଗୁଁ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅମରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ଅମରଙ୍କ ଭାଇ କାଲୁ ଦାସ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# ବ୍ରହ୍ମପୁର ରେଳଷ୍ଟେସନକୁ ଖୋର୍ଦ୍ଧା ଓ ଆନ୍ଧ୍ର ପାଣି ଭରସା

**ବ୍ରହ୍ମପୁରରୁ ଯାତ୍ରା ଆରମ୍ଭ କରୁଥିବା ୩ ଟ୍ରେନ୍ ପାଇଁ ନାହିଁ ଜଳଯୋଗାଣ ବ୍ୟବସ୍ଥା**




ବ୍ରହ୍ମପୁର,୨୧।୧୨(ସମିସ): ବ୍ରହ୍ମପୁର ରେଳଷ୍ଟେସନ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ରେଳଷ୍ଟେସନ। ଏହା ସହ ରାଜ୍ୟର ପୁରାତନ ରେଳଷ୍ଟେସନ ମଧ୍ୟରୁ ଅନ୍ୟତମ। କିନ୍ତୁ ବ୍ରହ୍ମପୁର ରେଳଷ୍ଟେସନ ପ୍ରତିଷ୍ଠାର ବର୍ଷ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହାର ସମସ୍ୟାର ତାଲିକା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ବ୍ରହ୍ମପୁର ରେଳଷ୍ଟେସନରୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଦେଖିବାକୁ ମିଳିଛି। ଶତାବ୍ଦୀ ବର୍ଷ ପୁରୁଣା ବ୍ରହ୍ମପୁର ରେଳଷ୍ଟେସନରେ ପ୍ଲାଟଫର୍ମରୁ ଆରମ୍ଭ କରି ଯାତ୍ରୀଙ୍କ ମୌଳିକ ସୁବିଧା କୁହାଯାଉଥିବା ପାନୀୟ ଜଳର ମଧ୍ୟ ଘୋର ଅଭାବ ଦେଖିବାକୁ ମିଳିଛି। ଜଳ ସଂକଟ କାରଣରୁ ବ୍ରହ୍ମପୁର ରେଳଷ୍ଟେସନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସିଧାସଳଖ ବାଧା ଉପୁଜୁଛି। ଷ୍ଟେସନରୁ ସପ୍ତାହର ବିଭିନ୍ନ ଦିନରେ ମୋଟ ୩ଟି ଟ୍ରେନ ଯାତ୍ରା ଆରମ୍ଭ କରୁଛି। ସେଥିମଧ୍ୟରୁ ବ୍ରହ୍ମପୁର ଠାରୁ ଟାଟାନଗର 'ବନ୍ଦେଭାରତ ଏକ୍ସପ୍ରେସ', ବ୍ରହ୍ମପୁରରୁ ଉଦନା 'ଅମୃତ ଭାରତ ଏକ୍ସପ୍ରେସ' ବହୁ ଯାତ୍ରୀଙ୍କୁ ନେଇ ଗନ୍ତବ୍ୟସ୍ଥଳକୁ ଯାତ୍ର ଆରମ୍ଭ କରୁଛି। ସେହିପରି ପ୍ରତିଦିନ ବ୍ରହ୍ମପୁର ଠାରୁ ଭୁବନେଶ୍ୱର ଏକ ମେମୁ ଟ୍ରେନ ମଧ୍ୟ ଯାତାୟତ କରୁଛି। ଏଭଳି ଭାବେ ବ୍ରହ୍ମପୁର ରେଳଷ୍ଟେସନରୁ ବିଭିନ୍ନ ସ୍ଥାନକୁ ଟ୍ରେନ ଯାତାୟତ କରୁଥିବା ବେଳେ ବ୍ରହ୍ମପୁର ଷ୍ଟେସନରେ ଉକ୍ରଟ ଜଳସମସ୍ୟା ରେଳବିଭାଗ ପାଇଁ ମୁଣ୍ଡବ୍ୟଥାର କରାଣ ସାଜିଛି। ନିୟମ ଅନୁସାରେ କୌଣସି ଷ୍ଟେସନରୁ ଟ୍ରେନ ଗନ୍ତବ୍ୟସ୍ଥଳକୁ ଯାତ୍ର ଆରମ୍ଭ କରିବା ପୂର୍ବରୁ ଉକ୍ତ ଟ୍ରେନ୍‌କୁ ଭଲ ଭାବେ ସଫା କରିବା ସହ ଆବଶ୍ୟକ ପରିମାଣର ଜଳ ଭର୍ତ୍ତି କରାଯିବା ଉଚିତ। ସେହିପରି ଟ୍ରେନଟି ନିଜ ଯାତ୍ରା ଶେଷ କରି ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପରେ ଉକ୍ତ ଟ୍ରେନକୁ ଭଲ ଭାବେ ଧୋଇ ସଫା କରିବାର ମଧ୍ୟ ନିୟମ ରହିଛି। ଏଭଳି ଭାବେ ଗୋଟିଏ ଷ୍ଟେସନରୁ ଟ୍ରେନ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନ ଧୋଇବା ସହ ଯାତ୍ରୀଙ୍କ ବ୍ୟବହାର ନିମନ୍ତେ ଶୁଦ୍ଧ ଜଳର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ବ୍ରହ୍ମପୁର ରେଳଷ୍ଟେସନରୁ ଯାତ୍ରା ଆରମ୍ଭ କରୁଥିବା ୩ଟି ଟ୍ରେନ ନିମନ୍ତେ ଜଳଯୋଗାଇବା ଏକ ରକମର ଅସମ୍ଭବ ହୋଇପଡ଼ିଛି। ଉକ୍ତ ଟ୍ରେନ ଗୁଡ଼ିକର ଯାତ୍ରା ଆରମ୍ଭ ପୂର୍ବରୁ ଖୋର୍ଦ୍ଧା ରୋଡ଼ ଜଙ୍କସନ୍ ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶର ପଲାସା ଓ ବିଜୟନଗରମ୍ ସ୍ଥିତ ରେଳଷ୍ଟେସନରୁ ଟ୍ରେନ ଗୁଡ଼ିକୁ ପାଣି ଭର୍ତ୍ତି କରି ଆଣାଯାଉଥିବା ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମା କହିଛନ୍ତି। ଅନ୍ୟପକ୍ଷରେ ଷ୍ଟେସନରେ ଜଳର ଘୋର ଅଭାବ ଯୋଗୁଁ ଷ୍ଟେସନର ପରିଷ୍କାର ପରିଚ୍ଛନତା ବଜାୟ ରଖିବାରେ ମଧ୍ୟ ବାଧା ଉପୁଜୁଥିବା ସେ ସ୍ୱୀକାର କରିଛନ୍ତି। ଜଳର ଅଭାବ କାରଣରୁ ଅନେକ ସମୟରେ ଶୌଚାଳୟରେ ପାଣି ନଥିବା କାରଣରୁ ଯାତ୍ରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ରେଳବିଭାଗ ପକ୍ଷରୁ ଷ୍ଟେସନ ନିକଟରେ ଥିବା ରେଳ କର୍ମଚାରୀଙ୍କ ସରକାରୀ କ୍ୱାର୍ଟର୍ସକୁ ହେଉଥିବା ଜଳଯୋଗାଣ ଯଥେଷ୍ଟ ନଥିବା ଅଭିଯୋଗ ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ ଜଳ ଉତ୍ସ ଜନିତ ସମସ୍ୟା କାରଣରୁ ବ୍ରହ୍ମପୁର ରେଳ ଷ୍ଟେସନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବାଧା ଉପୁଜୁଥିବା ଜଣାପଡିଛି।

# ମହେନ୍ଦ୍ରଗିରିରେ ଦୁଇ ପର୍ଯ୍ୟଟକ ଗାଡ଼ି ଦୁର୍ଘଟଣାଗ୍ରସ୍ତ





ପାରଳାଖେମୁଣ୍ଡି,୨୧।୧୨(ସମିସ)

ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ୨ ପର୍ଯ୍ୟଟକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଆଜି ସକାଳେ ଢେଙ୍କାନାଳ ଓ କଟକ ଅଞ୍ଚଳରୁ ଆସିଥିବା ଦୁଇ ପର୍ଯ୍ୟଟକ ଗାଡ଼ି ଘାଟି ଓହ୍ଲାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମହେନ୍ଦ୍ର ଦର୍ଶନ ସାରି ଫେରିବା ବାଟରେ ଘାଟି ଓହ୍ଲାଉଥିବାବେଳେ କୌଣସି କାରଣରୁ ପ୍ରଥମ ଗାଡ଼ିଟି ଘାଟି ରାସ୍ତାର ତଳକୁ ଓଲଟି ପଡିଥିଲା। ଏହା ପଛରେ ଥିବା ଅନ୍ୟ ଏକ ପର୍ଯ୍ୟଟକ ଗାଡ଼ି ମଧ୍ୟ ଭାରସାମ୍ୟ ହରାଇ ରାସ୍ତା ଉପରେ ହିଁ ପଲଟି ଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗାରାବନ୍ଧ ପୁଲିସ୍ ସଦଳବଳ ପହଞ୍ଚି କିଛି ସ୍ଥାନୀୟ ଲୋକଙ୍କ ସହ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ସୌଭାଗ୍ୟବଶତଃ କାହାରି ବିଶେଷ କ୍ଷତି ହୋଇନଥିବା ବେଳେ ଏକାଧିକ ବ୍ୟକ୍ତିଙ୍କୁ ସାମାନ୍ୟ ଆହତ ଲାଗିଥିବାର ପୁଲିସ ସୂତ୍ରରୁ ପ୍ରକାଶ।

## କଳିଙ୍ଗା ଘାଟିରେ କାର୍-ହାଇୱା ମୁହାଁମୁହିଁ



ଜି.ଉଦୟଗିରି,୨୧।୧୨(ସମିସ): କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିର ଅନ୍ଧାରକୋଟି ଉପର ୟୁ-ଟର୍ଣ୍ଣ ନିକଟରେ ଏକ ହାଇୱା ଘାଟି ଖସୁଥିବା ବେଳେ ଉପରକୁ ଉଠି ଆସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ହାଇୱା ଗାଡ଼ିଟି କଳିଙ୍ଗାରୁ ଭଞ୍ଜନଗର ଯାଉଥିବା ବେଳେ କାର୍ ବ୍ରହ୍ମପୁରରୁ ସମ୍ବଲପୁର ଯାଉଥିଲା। ଧକ୍କାରେ କାରର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ଏଥିରେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। କିନ୍ତୁ ସୌଭାଗ୍ୟ କ୍ରମେ ଏକ ଛୋଟ ପିଲା ଓ ଦୁଇ ଜଣ ମହିଳା ଅଳ୍ପକେ ବର୍ତ୍ତି ଯାଇଛନ୍ତି। କ୍ଷିପ୍ର ଗତିରେ ହାଇୱା ଯାଉଥିବା ବେଳେ ଭାରସାମ୍ୟ ହରାଇ କାରକୁ ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ଏହି ସ୍ଥାନରେ କିଛିଦିନ ତଳେ ଏକ ଯାତ୍ରୀବାହୀ ବସ୍ ଓଲଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଥିଲେ।

## ଓଲଟିଲା କାର୍; ୫ ଆନ୍ଧ୍ର ଡାକ୍ତର ଆହତ



ରାୟଗଡ,୨୧।୧୨(ସମିସ): ରାୟଗଡ଼ ଥାନା ଅନ୍ତର୍ଗତ ଏସ୍. କରଡ଼ାସିଂ ଗ୍ରାମ ନିକଟରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିବାବେଳେ ସେଥିରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ମୁତାବକ, ପଡ଼ୋଶୀ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ୪ ମହିଳା ଡାକ୍ତରଙ୍କ ସହ ଜଣେ ପୁରୁଷ ଡାକ୍ତର ଚନ୍ଦ୍ରଗିରି ବୌଦ୍ଧ ବିହାର ବୁଲାବୁଲି କରି ୨ ଟା ବେଳେ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ବୁଲିବାକୁ ଯିବାବେଳେ ଏସ୍. କରଡ଼ାସିଂ ଗ୍ରାମ ନିକଟରେ କାର୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଗାଡିରେ ଥିବା ସମସ୍ତ ଡାକ୍ତର ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସେମାନେ ମହେନ୍ଦ୍ର ଦର୍ଶନ ନ କରି ଫେରି ଯାଇଥିଲେ। ଘଟଣା ସ୍ଥଳରେ ରାୟଗଡ଼ ପୁଲିସ ପହଞ୍ଚି ତଦନ୍ତ କରୁଛି।

## ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ



ଗୁମ୍ମା,୨୧।୧୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡା. ପାର୍ଥପ୍ରୀତମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରୋଗୀ କଲ୍ୟାଣ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇ.ରୂପେଶ କୁମାର ପାଣିଗ୍ରାହୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବିଡ଼ିଓ ଦୁଲାରାମ ମାରାଣ୍ଡି, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପାର୍ଥପ୍ରୀତମ ପଣ୍ଡା, ଡ଼ା. ଚିନ୍ମୟ ବିଶ୍ୱାଳ, ସିଡ଼ିପିଓ ପୁଷ୍ପାଞ୍ଜଳି ସାହୁ, ବିପିଏମ ଟି. ଇଶ୍ୱରିଆମ୍ମା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମଙ୍ଗୁଲୁ ବେହେରା ଯୋଗ ଦେଇଥିଲେ। ବୈଠକରେ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଅତି ଆବଶ୍ୟକତା ରହିଥିବା ବିଷୟ ଉପରେ ଆଲୋଚନା କରାଯାଇଥିବା ବେଳେ ଆରକେଏସ୍‌ର ଅଧ୍ୟକ୍ଷ ବିଧାୟକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୌଚାଳୟ, ଦୀର୍ଘମାସ ଧରି ଷ୍ଟାଫନର୍ସ ପଦ ପୂରଣ, ସିସିଟିଭି, ସିମେଣ୍ଟ ଚୌକି, ଦୁଇଟି ସ୍ମାର୍ଟ ଟିଭି, ସୌରଚାଳିତ ହାଇମାଷ୍ଟ ଲାଇଟ, ଔଷଧ ପରିଚାଳନା କାର୍ଯ୍ୟାଳୟ ନିମନ୍ତେ ଚୌକି, ଡ଼ିଜେ ମରାମତି, ୫ଟି ଏସି, ୫ଟି କମ୍ପ୍ୟୁଟର ଏବଂ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଘର ତୁରନ୍ତ ହସ୍ତାନ୍ତର ପାଇଁ ବୈଠକରେ ଅନୁମୋଦନ କରାଯାଇଛି ବୋଲି ଡା ପଣ୍ଡା କହିଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗ ବିଶେଷଜ୍ଞ ମାଝୀ ଜନାର୍ଦ୍ଦନ, କେ.ନାଗାରାଜୁ ଓ ଗଣେଶ ବିଶ୍ୱାଳ ପରିଚାଳନା କରିଥିଲେ।

## ଅନଲାଇନ୍ ସୁରକ୍ଷା ଏବଂ ସାଇବର ସଚେତନତା କର୍ମଶାଳା



ପାରଳାଖେମୁଣ୍ଡି,୨୧।୧୨(ସମିସ): ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଖଜୁରୀପଦାରେ ଥିବା କଲ୍ୟାଣ ମଣ୍ଡପରେ ଅନଲାଇନ୍ ସୁରକ୍ଷା ଏବଂ ସାଇବର ଧମକ ଉପରେ ଏକ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୋର୍ଟର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସାଧନ ବ୍ୟକ୍ତି ଭାବରେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ନୂଆଗଡ ସିଡିପିଓ, ନୂଆଗଡ ବିଇଓ, ବନ୍ଧନ ବ୍ୟାଙ୍କ ପରିଚାଳକଙ୍କ ସମେତ ଆଇସିଡିଏସ୍ କର୍ମଚାରୀ, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, ଆଶାକର୍ମୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ, ସାଇବର ବୁଲିଂ, ସାଇବର ଠକେଇ, ସାଇବର ଅପରାଧ, ନକଲି କଲ୍, ସନ୍ଦିଗ୍ଧ ଲିଙ୍କ୍, ନକଲି ମେସେଜ୍, ବ୍ୟାଙ୍କ ସମ୍ବନ୍ଧୀୟ ଅନଲାଇନ୍ ଠକେଇ ଏବଂ ଡିଜିଟାଲ୍ ପ୍ଲାଟଫର୍ମର ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା।

## ଚାକିରି କରାଇ ଦେବାକୁ କହି ଠକେଇ; ଢ଼ାବା ମାଲିକ ଗିରଫ



ବାଲିଗୁଡ଼ା,୨୧।୧୨(ସମିସ): କ.ନୂଆଗାଁ ଥାନା ଅନ୍ତର୍ଗତ ଦାରିଙ୍ଗିବାଡ଼ି ଛକରେ ଢାବା କରିଥିବା ପିଣ୍ଟୁ ଓରଫ ପ୍ରିୟ ରଞ୍ଜନ ନାୟକ (୨୯) ବିଭିନ୍ନ ଉପାୟରେ ଜନସାଧାରଣଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗରେ ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁସାରେ ଗତ ନଭେମ୍ବର ୧୭ ତାରିଖରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଞ୍ଚଳର ପଦ୍ମନାଭ ଛତ୍ରିଆ ଏସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ ପ୍ରିୟରଞ୍ଜନଙ୍କ ସହ ତାଙ୍କର ପ୍ରଥମେ ତୁମୁଡିବନ୍ଧରେ ଦେଖା ହୋଇଥିଲା। ତାଙ୍କ ଝିଅକୁ ବାଲିଗୁଡ଼ା ପିଡବ୍ଲୁଡିରେ ଡାଟାଏଣ୍ଟ୍ରି ଅପରେଟର ଚାକିରି କରାଇ ଦେବାକୁ କହି ପିଣ୍ଟୁ ଟଙ୍କା ମାଗିଥିଲା। ଏନେଇ ସେ ୨ଲକ୍ଷ ୫୬ ହଜାର ୫ ଶହ ଟଙ୍କା ପଠାଇଥିଲେ। ହେଲେ ଚାକିରି ନହେବାରୁ ବାରମ୍ବାର ଫୋନ୍ ଓ ଦେଖାକରି ପଚାରିବା ପରେ ସେ ଠକୁଥିବା ଜାଣି ପାରିଥିଲେ। ଏନେଇ ପଦ୍ମନାଭ କ.ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେବା ସହ ଅଧିକ ତଦନ୍ତ ଜାରି ଥିବା କହିଛନ୍ତି। ଅଭିଯୁକ୍ତଙ୍କ ନାମରେ ମହାସିଙ୍ଗିରୁ ଜମି ଠକେଇ ସହ ଅନ୍ୟାନ୍ୟ ଅଭିଯୋଗ ମଧ୍ୟ ଆସୁଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ସ୍ୱୀକୃତିପ୍ରାପ୍ତ ସମ୍ବଳ ବ୍ୟକ୍ତିଙ୍କୁ ଅବହେଳା ପ୍ରତିବାଦରେ ବୈଠକ



ପାରଳାଖେମୁଣ୍ଡି,୨୧।୧୨(ସମିସ): ଗଜପତି ଜିଲ୍ଲାରେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସମ୍ବଳ ବ୍ୟକ୍ତିଙ୍କୁ ସରକାର ଅବହେଳା କରୁଥିବା ପ୍ରତିବାଦରେ ଏକ ବୈଠକ ପାରଳାଖେମୁଣ୍ଡି ସହରର ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସରେ ଥିବା ମଣ୍ଡିରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ଜିଲ୍ଲା ସମ୍ବଳ ବ୍ୟକ୍ତିମାନେ କହିଛନ୍ତି ଯେ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଜୀବିକା ମିଶନ, ସ୍ୱଚ୍ଛ ଭାରତ ମିଶନ ଏବଂ ଅନ୍ୟାନ୍ୟ ବିଭାଗରେ ପ୍ରତ୍ୟକ ଜିଲ୍ଲାରେ ରହିଥିବା ଫ୍ରିଲାନ୍ସର ଜିଲ୍ଲାସ୍ତରୀୟ ତାଲିମଦାତା/ସମ୍ବଳ ବ୍ୟକ୍ତି ଅବହେଳିତ ହୋଇ ରହିଛନ୍ତି। ଏହି ତାଲିମଦାତା ଗତ ୨୦୧୧ ପରଠାରୁ ଉପରୋକ୍ତ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ତାଲିମଦାତା ଭାବେ ପ୍ରମାଣପତ୍ର ପାଇ ପଞ୍ଚାୟରାଜ ପ୍ରତିନିଧି, ୱାର୍ଡ ମେମ୍ବର, ସରପଞ୍ଚ, ଆଶା, ଏସଏଚଜି ସଂଗଠନ ଓ ଏହାରି କର୍ମକର୍ତ୍ତା, ଗ୍ରାମ ପରିମଳ କମିଟି, ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତାଙ୍କୁ ପୁରା ଦିନ ସେମାନଙ୍କ ପାଖରେ ରହି ତାଲିମ ପ୍ରଦାନ କରି ଆସୁଛନ୍ତି। କିନ୍ତୁ ବିଗତ ୨ ବର୍ଷରୁ ଅଧିକ ସମୟ ହେଲା ଉଲ୍ଲିଖିତ ବିଭାଗ ଗୁଡିକ ସମ୍ବଳବ୍ୟକ୍ତିଙ୍କୁ କମ ସୁଯୋଗ ବିଭାଗୀୟଅଧିକାରୀଙ୍କୁ ବିଭିନ୍ନ ତାଲିମରେ ତାଲିମଦାତା ଭାବେ ନେଉଛନ୍ତି। ଯଦ୍ୱାରା ସେହି ଅଧିକାରୀମାନଙ୍କ ସେହି ଦିନର କାର୍ଯ୍ୟ ଅସମ୍ପୂର୍ଣ ହେବା ସହ ସେମାନେ ସେମାନଙ୍କ ଦରମା ପରେ ତାଲିମଦାତା ଭାବେ ଟଙ୍କା ବି ନେଇଥାନ୍ତି। ଏହା କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ସମ୍ବଳ ବ୍ୟକ୍ତିମାନେ ପ୍ରଶ୍ନ କରିଛନ୍ତି। ବୈଠକ ଓ ସାମ୍ବାଦିକ ସମ୍ମିଳନୀରେ ଗଜପତି ଜିଲ୍ଲାର ସମ୍ବଳ ବ୍ୟକ୍ତି ସୁନୀଲ କୁମାର ପାତ୍ର, ଲିଙ୍ଗରାଜ ପାଣିଗ୍ରାହୀ, ମଳୟ ମାଧୁରୀ ଦେବୀ, ନରେଶ ନାଥ ମହାପାତ୍ର, ଲକ୍ଷ୍ମୀକାନ୍ତ ପଣ୍ଡା, ନାଥନିଆଲ ପରିଚ୍ଛା, ମନୋଜ କୁମାର ସାବତ ଓ ବିଷ୍ଣୁପ୍ରିୟା ମହାନ୍ତିଙ୍କ ସମେତ ବହୁ ସଂଖ୍ୟକ ସମ୍ବଳଦାତା ଉପସ୍ଥିତ ଥିଲେ।

## ବାଲିଗୁଡ଼ାରେ ବୁଲା ବ୍ୟବସାୟୀଙ୍କ ମୃତ୍ୟୁ

ବାଲିଗୁଡ଼ା,୨୧।୧୨(ସମିସ): ବାଲିଗୁଡ଼ାରେ ଜଣେ ବୁଲା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ବ୍ୟବସାୟୀ କଟକ ଦିୱାନ୍ ବଜାର ଅଞ୍ଚଳର ଶେଖ୍ ଜାଭିୟର। ସେ ବାଲିଗୁଡ଼ା ଲଜ୍‌ରେ ରହି ତାଙ୍କ ସହଯୋଗୀଙ୍କ ସହ ଗାଁ ଗାଁ ବୁଲି ଚକୋଲେଟ୍ ବ୍ୟବସାୟ କରୁଥିଲେ। ରବିବାର ଭୋରରେ ତାଙ୍କର ହଠାତ୍ ଦେହ ଖରାପ ହେବାରୁ ସହଯୋଗୀ ଲଜ୍ କର୍ମଚାରୀଙ୍କୁ ଜଣାଇଥିଲେ। ସେମାନେ ଜାଭିୟରଙ୍କୁ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କୁ ମୃତ୍ୟୁ ହୋଇଛି। ପୂର୍ବରୁ ଜାଭିୟର୍‌ଙ୍କ ହାର୍ଟ, ଡାଇବେଟିସ୍ ଓ ରକ୍ତଚାପ ରୋଗ ଥିବା ସହଯୋଗୀଙ୍କ ଠାରୁ ସୂଚନା ମିଳିଛି। ଖବର ପାଇ ମୃତକଙ୍କ ପରିବାରବର୍ଗ କଟକରୁ ଆସି ବାଲିଗୁଡ଼ାରେ ପହଞ୍ଚିଥିବା ଜଣାପଡିଛି।ବାଲିଗୁଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ବାଳିକା ବିଦ୍ୟାଳୟରେ ବିଜ୍ଞାନ ଶିବିର

ଜି.ଉଦୟଗିରି,୨୧।୧୨(ସମିସ): ଜି.ଉଦୟଗିରି ନିକଟସ୍ଥ ଲିଙ୍ଗାଗଡ଼ ପିଏମ୍‌ଶ୍ରୀ ସରକାରୀ ବାଳିକା ବିଦ୍ୟାଳୟରେ ୪ ଦିନିଆ ବିଜ୍ଞାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ଯୋଗ ଦେଇ ବିଜ୍ଞାନ ପାଠ୍ୟକ୍ରମରେ ରହିଥିବା ବିଷୟବସ୍ତୁ ନେଇ ବିଜ୍ଞାନ ପରୀକ୍ଷା କରି ଦେଖାଇଥିଲେ। ଏହି ଶିବିରରେ ନବମ ଏବଂ ଦଶମର ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ।

## ବଡ଼ଦିନ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ଦାରିଙ୍ଗବାଡ଼ି,୨୧।୧୨(ସମିସ): ବଡ଼ଦିନ କିଭଳି ଶାନ୍ତିଶୃଙ୍ଖଳାରେ ପାଳନ ହେବ ସେ ନେଇ ଦାରିଙ୍ଗବାଡ଼ି ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଥାନା ଅଧିକାରୀ ତଥା ଡ଼ିଏସ୍‌ପି କନକ କୁମାର ମାଝୀଙ୍କ ନେତୃତ୍ୱରେ ପୁଲିସ ବାହିନୀ ଦାରିଙ୍ଗବାଡ଼ି ବଜାର ସମେତ ସାରିଙ୍ଗିର୍ପି, ତିନିଛକ, ଡ଼ବେରୀ , ଗ୍ରୀନ୍‌ବାଡ଼ି, ତହସିଲ ରୋଡ଼, ସିମନ୍‌ବାଡ଼ି , ପର୍ଡ୍ଡମାହା ଏବଂ ଦାରିଙ୍ଗବାଡ଼ି ଥାନା ଅଞ୍ଚଳ ପ୍ରମୁଖ ସ୍ଥାନରେ ପୁଲିସ ଫ୍ଲାଗ୍ ମାର୍ଚ୍ଚ କରିଥିଲା। ବଡ଼ଦିନରେ କିଭଳି ବିଶୃଙ୍ଖଳା ନ ହୋଇ ଶାନ୍ତିଶୃଙ୍ଖଳା ରେ ସମାପ୍ତ ହେବ ସେ ନେଇ ପୁଲିସ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ସମ୍ବେଦନଶୀଳ ଥିବା ଚର୍ଚ୍ଚରେ ପୁଲିସ ଫୋର୍ସ ମୁତୟନ କରାଯିବା ସହ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଥାନାଧିକାରୀ ଶ୍ରୀ ମାଝୀଙ୍କ ସମେତ ଇନ୍ସପେକ୍ଟର ଜୟନ୍ତ ସେଠୀ ଏବଂ ଇନ୍ସପେକ୍ଟର ସଂଗ୍ରାମ ଜେନା, ଏଏସ୍‌ଆଇ ଅର୍ଜୁନ ଶବର, ଏଏସଆଇ ପି. ଶ୍ରୀନିବାସ ରାଓ ଏବଂ ପୁଲିସ ବାହିନୀ ପ୍ରମୁଖ ଏହି ଫ୍ଲାଗ୍ ମାର୍ଚ୍ଚରେ ସାମିଲ ଥିଲେ।

## ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ଅଧାପନ୍ତରିଆ

**ହସ୍ତାନ୍ତର ପାଇଁ ତୁରନ୍ତ ଦାବି**



ଗୁମ୍ମା,୨୧।୧୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପାହାଡ଼ ପର୍ବତ ଶିଖରରେ ରହିଥିବା ବେଳେ ସରକାର ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରାଧାନ୍ୟ ଦେଉଛନ୍ତି। ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଘର କାର୍ଯ୍ୟ ଦୀର୍ଘମାସ ହେଲା ବନ୍ଦ ରହିଛି। ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା ଜାତୀୟ କୋଠା ନିର୍ମାଣ ନିଗମ(ଏନବିସିସି) କୋଠାର ନିର୍ମାଣ ଦାୟିତ୍ୱ ନେଇଥିବାରୁ ବିଭାଗ ସହ ସମ୍ମନ୍ୱୟ ଅଭାବ ସାଙ୍ଗକୁ ପରିଚାଳନାଗତ ତ୍ରୁଟି ରହୁଛି। ତେଣୁ ସଠିକ ଭାବରେ ନିର୍ମାଣ କାର୍ଯ୍ୟ ଆଗକୁ ଯାଇପାରୁନି କିମ୍ବା କାର୍ଯ୍ୟ ତଦାରଖ ସମ୍ପର୍କରେ ସଠିକ ତଥ୍ୟ ବିଭାଗ ପାଖରେ ରହୁନାହିଁ। ଠିକାସଂସ୍ଥା ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟସେବା ଭଳି ସମ୍ବେଦିନଶୀଳ କାର୍ଯ୍ୟରେ ଅବହେଳା ଯୋଗୁ ସରକାରଙ୍କ ଲକ୍ଷ୍ୟ ଭ୍ରଷ୍ଟ ହେବାରେ ଲାଗିଛି ଏବଂ ସାଧାରଣ ଲୋକେ ତାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଫିରିଙ୍ଗିଆ,୨୧।୧୨(ସମିସ): ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ବବଡ଼ଙ୍ଗିଆ ଗାଁର ବୀରେନ୍ଦ୍ର କହଁର(୪୦) ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ସକାଳ ପ୍ରାୟ ୧୦ଟାରେ ବୀରେନ୍ଦ୍ର ଗାଇ ଚରାଇବାକୁ ଗାଁ ନିକଟ ଜଙ୍ଗଲକୁ ଯାଇଥିବାବେଳେ ବାର୍‌ହା ହାବୁଡ଼ରେ ପଡ଼ିଥିଲେ। ବାର୍‌ଆ ଆକ୍ରମଣରେ ଗୁରୁତର ବୀରେନ୍ଦ୍ର ବହୁ କଷ୍ଟରେ କିଛିବାଟ ଆସିବା ପରେ କିଛି ଲୋକ ତାଙ୍କୁ ଦେଖି ଉଦ୍ଧାର କରି ଅଟୋରେ ଫିରିଙ୍ଗିଆ ଡାକ୍ତରଖାନା ଓ ପରେ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ।

## ଡିଇଓ ଅଫିସରେ ମିଳୁନି ପାନୀୟ ଜଳ

ପାରଳାଖେମୁଣ୍ଡି,୨୧।୧୨(ସମିସ): ଗଜପତି ଜିଲ୍ଲାଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ (ଡିଇଓ ଅଫିସ) ରେ ମିଳୁନି ସ୍ୱଚ୍ଛ ପାନୀୟଜଳ। ଶୋଷ ଲାଗିଲେ ଯିବାକୁ ପଡେ ଏକ କିଲୋମିଟରରୁ ଅଧିକ ବାଟ। ଏହା ନିକଟରେ ଦୋକାନ ବଜାର ମଧ୍ୟ ନାହିଁ। ସେଥିପାଇଁ ପିଇବା ପାଣି ଆବଶ୍ୟକ ମାତ୍ର ପରେ ଖରାପ ହୋଇ ପଡ଼ିଛି। ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ମରାମତି ପାଇଁ ବ୍ୟବସ୍ଥା କରୁନାହାନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରତିଦିନ ଜିଲ୍ଲାର କୋଣ ଅନୁକୋଣରୁ ବିଭିନ୍ନ କାମ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀ, ଅଭିଭାବକ ଆସିଥାନ୍ତି। ଏପରି



- ଖତଖାଉଛି ଲକ୍ଷାଧିକ ଟଙ୍କାର ପାନୀୟଜଳ ମେସିନ
- ଶୋଷ ଲାଗିଲେ ଯିବାକୁ ପଡୁଛି ୧ କିମି ଦୂର

ହେଲେ ଏଠାରୁ ଏକ କିଲୋମିଟର ଦୂର ରାମନଗର ଯାଇ ପିଇବାକୁ ପଡୁଛି। ଏପରି ସ୍ଥିତି ଦେଖାଯାଇଛି ଗଜପତି ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ। ସ୍ୱଚ୍ଛ ପାଣି ପାଇଁ ଲକ୍ଷାଧିକ ଟଙ୍କାର ଫିଲଟର ମେସିନ ଲାଗିଥିଲେ ବି ଅଚଳ ହୋଇ ପଡ଼ି ପଡ଼ି ଖତ ଖାଉଛି। ଏହି ମେସିନ୍ ଲାଗିବାର ଦୁଇ ତିନି ମାସ ସ୍ୱଚ୍ଛ ପାଣି ଯୋଗାଇଥିଲା। ଦୂରଦୂରାନ୍ତରୁ ବହୁ ଶିକ୍ଷକ, ସ୍କୁଲ କର୍ମଚାରୀ, ଅଭିଭାବକ ପ୍ରମୁଖ ଆସୁଥିବା ବେଳେ ଶୋଷ ଲାଗିଲେ ପିଇବାକୁ ପାଣି ଟୋପେ ନପାଇ ତହଳ ବିକଳ ହେଉଛନ୍ତି। ଅଚଳ ମେସିନ ଟ୍ୟାପ୍ ଖୋଲି ପାଣି ଆସୁନଥିବା ଦେଖି ନିରାଶ ହୋଇ ଏକ କିଲୋମିଟର ଦୂର ରାମନଗରକୁ ଯାଇ ପାଣି କିଣି ପିଉଥିବା ଦେଖାଯାଉଛି।

# ରାସ୍ତା କାମରେ ରୋଲର୍ ବଦଳରେ ଧୂର୍ମୁଷ ବ୍ୟବହାର; ବଢୁଛି ଅସନ୍ତୋଷ

ଫିରିଙ୍ଗିଆ,୨୨।୧୨(ସମିସ)

ଫିରିଙ୍ଗିଆ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିଭିନ୍ନ ଗାଁରେ ରାସ୍ତାକାମ ଚାଲିଛି। କିଛି ଜାଗାରେ ଦୀର୍ଘଦିନ ହେବ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ମରାମତି ମଧ୍ୟ କରାଯାଉଛି। କିନ୍ତୁ ଆବଶ୍ୟକ ଅନୁଯାୟୀ ସରଞ୍ଜାମ ବ୍ୟବହାର କରାଯାଉ ନଥିବାରୁ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭିନ୍ନ ନିର୍ମାଣାଧୀନ ରାସ୍ତା କାମ ଏବଂ ମରାମତି କାମରେ ଆବଶ୍ୟକ ମେଟାଲ, ବାଲି ଓ ପିଚୁ ଠିକ୍ ଭାବରେ ପଡୁନଥିବା ବେଳେ କମ୍ ଦିନରେ କେଉଁଠି ରାସ୍ତା କାମରୁ ପିଚୁ ଉଠି ଯାଉଛି ତ କେଉଁଠି ଅଳ୍ପଦିନରେ ରାସ୍ତା ଭାଙ୍ଗି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ବାରମ୍ବାର ବିଭିନ୍ନ ଜାଗାରେ ରାସ୍ତା ମରାମତି ଓ ନିର୍ମାଣ କାମ ନିମ୍ନମାନର ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଠିକାଦାର, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ପିସି କାରବାର ଯୋଗୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ସାଧାରଣ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଏମିତି ଏକ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ମରାମତି କାର୍ଯ୍ୟବେଳେ ରାସ୍ତା ସମାନ ପାଇଁ ରୋଲର ବଦଳରେ ଶ୍ରମିକ ମାନେ ଏକ ଧୂର୍ମୁଷରେ ପିଟି ମରାମତି କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କେଳାପଡ଼ା ଠାରୁ ଭାୟା ଉର୍କିଆ ପଦର ଦେଇ ବାଲକିଡାଡି ପର୍ଯ୍ୟନ୍ତ ଗତ ୨୦୨୨ ମସିହାରେ ସରକାରଙ୍କ ଗ୍ରାମ୍ୟ ଉର୍ନ୍ନୟନ ବିଭାଗ, ଫୁଲବାଣୀ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨ କୋଟି ୮୫ ଲକ୍ଷ ୨୭ ହଜାର ବ୍ୟୟ ଅଟକଳରେ କାମ କରାଯାଇଛି। ଏହାର ଠିକାଦାର ଗଞ୍ଜାମ ଜିଲ୍ଲା ମହାନନ୍ଦପୁରର ଚରଣ ବେହେରା କାର୍ଯ୍ୟ କରୁଛନ୍ତି। ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଜନ, ଫୁଲବାଣୀ ଏହାର ତଦାରଖ କରୁଛନ୍ତି। ଏହାର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷର ଅବଧି ମଧ୍ୟ ରହିଛି। ରାସ୍ତା ନିର୍ମାଣ ସମୟରେ ମଧ୍ୟ ଏହି ରାସ୍ତା ନିମ୍ନମାନର ନେଇ ଅଭିଯୋଗ ହୋଇଥିବା ବେଳେ ଠିକାଦାର ଜଣକ ବିଭିନ୍ନ ଆଳ ଦେଖାଇ ବିଭାଗୀୟ ଅଧିକାରୀଙ୍କୁ ଧରି ସଲାସୁତୁରା କରି ଲୋକଙ୍କ ଅଭିଯୋଗକୁ ଶୁଣି ନଥିଲେ, ବାଧହୋଇ ଲୋକେ ରାସ୍ତା କାର୍ଯ୍ୟ ବନ୍ଦ କରିଥିଲେ। କିଛିଦିନ ପରେ ପୁଣି କାମ ଆରମ୍ଭ ହୋଇ ସରିଥିଲା। ଏବେ ଏହି ରାସ୍ତାର କାମ ଅଧିକ ଜାଗାରେ ନଷ୍ଟ ହୋଇଛି। ଠିକାଦାର ପୁଣି ମରାମତି କରୁଛନ୍ତି। ହେଲେ ରାସ୍ତା ମରାମତିବେଳେ ପିଚୁ ପଡ଼ିବା ପରେ ରୋଲର ବଦଳରେ ଶ୍ରମିକଙ୍କ ଦ୍ୱାରା ଧୂର୍ମୁଷରେ ଛେଚି ସମାନ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏସ୍‌ଡିଓ ସୁଶୀଲ ମହାନ୍ତିଙ୍କୁ ପଚାରିବାରୁ ସବୁ ଠିକ ଚାଲିଛି। ଆବଶ୍ୟକ ଅନୁସାରେ ରୋଲର ଲଗାଯାଇ କାମ କରାଯିବ ବୋଲି କହିଛନ୍ତି। ଠିକାଦାରଙ୍କୁ ପଚାରିବାରୁ ରୋଲର ନାହିଁ। ସେମିତି ଚାଲିଛି ବୋଲି କହିଛନ୍ତି। ତେବେ ପିଚୁ ପଡ଼ିବାର ଗୋଟିଏ ଦିନ ପରେ ଅଭିଯୋଗ ହେବାରୁ ପୁଣି ରୋଲର ଲଗାଇବାରୁ ଏହି କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

